କେନ୍ଦ୍ରାପଡ଼ା ପୌରପରିଷଦ , କେନ୍ଦ୍ରାପଡା
ପତ୍ର ସଂଖ୍ୟା ୩୩୩୧୯ ତାରିଖ ୦୭/୦୭/୨୩

ପ୍ରସ୍ତାବ ପାଇଁ ଅନୁରୋଧ

କେନ୍ଦ୍ରାପଡା ମୁନିସିପାଲିଟି ଅନ୍ତର୍ଗତ ହଜାରିବଗିଚା ସ୍ଥିତ ୱାର୍ଡ ନମ୍ବର ୧୨ ରେ ହୋଇଥିବା ମାଇକ୍ରୋ କୋମ୍ପୋଷ୍ଟିଙ୍ଗ ସେଣ୍ଟର ଓ ମାଟେରିଆଲ ରିକଭରି ଫାଶିଲିଟି ର କାର୍ଯ୍ୟକାରୀ ଓ ପରିଚାଳନା ନିମନ୍ତେ ଏନ. ୟୁ. ଏଲ . ଏମ ଯୋଜନା ଆନୁକୁଲ୍ୟ ରେ କେନ୍ଦ୍ରାପଡ଼ା ପୌରସଂସ୍ଥା ଦ୍ଵାରା ପଞ୍ଜୀକୃତ ସ୍ଥାନୀୟ ମହିଳା ସ୍ଵୟଂ ସହାୟକ ଗୋଷ୍ଠୀ /ତୃତୀୟ ଲିଙ୍ଗୀ ଗୋଷ୍ଠୀ ମାନଙ୍କ ଠାରୁ ନିମ୍ନ ଲିଖିତ ସର୍ତ୍ତ ଆଧାରରେ ପ୍ରସ୍ତାବ ମାନ ଆହ୍ଵାନ କରାଯାଇଅଛି ।

୧. ମୁଦଦିଆ ଲଫଫା ରେ ପ୍ରସ୍ତାବ ତା ୧୬/୦୭ /୨୦୨୩ ରିଖ ଅପରାହ୍ନ ୧ ଟା ସୁଦ୍ଧା କାର୍ଯ୍ୟ ନିର୍ବାହୀ ଅଧିକାରୀ , କେନ୍ଦ୍ରାପଡ଼ା ପୌରପରିଷଦ ଙ୍କ ନିକଟକୁ କୌରିୟର /ସ୍ପୀଡ ପୋଷ୍ଟ କିମ୍ବା ହାତରେ ପହଞ୍ଚିବା ଦରକାର ।

୨. ହସ୍ତଗତ ହୋଇଥିବା ପ୍ରସ୍ତାବ ସବୁ ଉପରୋକ୍ତ ଦିନ ଅପରାହ୍ନ ୧.୩୦ ଟା ସମୟରେ ସମ୍ପୃକ୍ତ ସ୍ଵୟଂ ସହାୟକ ଗୋଷ୍ଠୀ / ତୃତୀୟ ଲିଙ୍ଗୀ ଗୋଷ୍ଠୀ କିମ୍ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ଖୋଲା ଯିବ।

୩. . ଆବେଦନ କରିବା ପାଇଁ ପତ୍ର ସଂଲଗ୍ନକ -୧ ରେ ସୁଚିତ କରାଗଲା ଯାହାକୁ ଜିଲ୍ଲା ୱେବ ପୋର୍ଟାଲ ରେ https://kendrapara.nic.in/ ରେ ଉପଲବ୍ଧ ହେବ ଓ ଏହାକୁ ଡାଉନଲୋଡ କରି ଇଛୁକ ଗୋଷ୍ଠୀ ତାଙ୍କ ପ୍ରସ୍ତାବ ସହିତ ଗୋଷ୍ଠୀ ପଞ୍ଜୀକରଣ ପ୍ରମାଣ ପତ୍ର ଏବଂ ଆବସକୀୟ ଦସ୍ତାବିଜ ତଥା ସମସ୍ତ ଆଧାର କାର୍ଡ ନକଲ /ବ୍ୟାଙ୍କ ଏକାଉଣ୍ଟ ବ୍ୟାଲାନ୍ସ ସଂଲଗ୍ନ କରିବେ ।

୪. ସମ୍ପୃକ୍ତ ଗୋଷ୍ଠୀ ଟ ୫୦୦୦.୦୦ ଙ୍କା ଅମାନତ ରାଶି କାର୍ଯ୍ୟ ନିର୍ବାହୀ ଅଧିକାରୀ , କେନ୍ଦ୍ରାପଡ଼ା ପୌରପରିଷଦ ଙ୍କ ନାମରେ ଯେ କୌଣସି ଜାତୀୟ କରଣ ବ୍ୟାଙ୍କ ରୁ ବ୍ୟାଙ୍କ ଡ୍ରାଫ୍ଟ କରି ପ୍ରସ୍ତାବ ସହ ସଂଲଗ୍ନ କରିବେ ଅନ୍ୟଥା ପ୍ରସ୍ତାବ କୁ ଗ୍ରହଣ କରାଯିବ ନାହିଂ ।

୫. ଚୟନ ପ୍ରକ୍ରିୟା ନିମନ୍ତେ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ୩୦ ମାର୍କ , ବର୍ଜ୍ୟ ବସ୍ତୁ ପରିଚାଳନା ସଙ୍କ୍ରାନ୍ତିୟ ଜ୍ଞାନ ପରୀକ୍ଷଣ ପାଇଁ ୭୦ ମାର୍କ ରଖାଯାଇ ଅଛି । ଚୟନ ସମୟରେ ସମାନ ସର୍ବାଧିକ ମାର୍କ ରଖିଥିବା ଏକାଧିକ ଗୋଷ୍ଠୀ ଙ୍କ ନିମନ୍ତେ ଲଟାରୀ ବ୍ୟବସ୍ଥା କରାଯିବ । ସର୍ବାଧିକ ମାର୍କ ରଖିଥିବା ଗୋଷ୍ଠୀ ଙ୍କୁ କାର୍ଯ୍ୟାଦେଶ ମାଧମରେ ମାଇକ୍ରୋ କୋମ୍ପୋଷ୍ଟିଙ୍ଗ ସେଣ୍ଟର ର କାର୍ଯ୍ୟକାରୀ ଓ ପରିଚାଳନା ଦାୟିତ୍ଵ ଦିଆଯିବ ଓ ସେମାନଙ୍କୁ ଏଥି ନିମନ୍ତେ ପ୍ରଶିକ୍ଷଣ ଦେବାକୁ ବ୍ୟବସ୍ଥା ଅଛି ।

୬. ଚୟନ ହୋଇଥିବା ଗୋଷ୍ଠୀ ହଜାରିବଗିଚା ସ୍ଥିତ MCC ପରିଚାଳନା ନିମନ୍ତେ ମାନବ ସମ୍ବଳ ଯଥା ୪ ଜଣ ମଜୁରିଆ , ଜଣେ watchman ଓ ଜଣେ ସୁପର ଭାଇଜର ଯୋଗାଇଦେବେ ଓ ତତ ସହିତ ଓଡିଶୋ ସ୍ଥିତ MRF ପାଇଁ ୫ ଜଣ ମଜୁରିଆ /rag picker /waste picker ଙ୍କର ଶିକ୍ଷା ଗତ ଯୋଗ୍ୟତା ର ତାଲିକା ଓ ପ୍ରମାଣ ପତ୍ର ସହ ଆଦ୍ଧାର କାର୍ଡ ଦାଖଲ କରିବେ ।

୭ . ଚୟନ ହୋଇଥିବା ଗୋଷ୍ଠୀ ଏମସିସି ଓ ଏମଆରଏଫ ର କୌଣସି ଜିନିଷ ହଜିବା /ସମ୍ପତି ନଷ୍ଟ /ଅପବ୍ୟବହାର ନିମନ୍ତେ ଦାୟୀ ରହିବେ ।

୮ . ପରିଚାଳନା କାର୍ଯ୍ୟ ସନ୍ତୋଷ ଜନକ ନହେଲେ ଚୟନ ହୋଇଥିବା ଗୋଷ୍ଠୀ ଙ୍କୁ ଏକ ମାସ ନୋଟିସ ଦେଇ କାର୍ଯ୍ୟ।ନିବୃତ କରିବା ନିମନ୍ତେ କ୍ଷମତା ନିର୍ବାହୀ ଅଧିକାରୀଙ୍କ ପାଖରେ ରହିବା ।

୯ . ହସ୍ତଗତ ହୋଇଥିବା ଯେ କୌଣସି ବା ସମସ୍ତ ପ୍ରସ୍ତାବ କୁ ନିମ୍ନ ସ୍ଵାକ୍ଷର କାରୀ କୌଣସି କାରଣ ନ ଦର୍ଶାଇ ଖାରଜ କରିପାରିବେ ।

୭/୭/୨୩

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡ଼ା ପୌରପରିଷଦ

ଜ୍ଞାପକ ସଂଖ୍ୟା ୩୩୩୭ ତା ୦୨/୦୨/୨୩
ଏହାର ଏକକିତା ନକଲ ସମ୍ମାନୀୟ ଜିଲ୍ଲାପାଳ , କେନ୍ଦ୍ରାପଡ଼ା ,/ ପ୍ରକଳ୍ପ ନିର୍ଦ୍ଦେଶକ ,DUDA କେନ୍ଦ୍ରାପଡ଼ା ଙ୍କ ଅବଗତି ନିମନ୍ତେ ଓ DC ,NiC , କେନ୍ଦ୍ରାପଡ଼ା ଙ୍କୁ district web portal https://kendrapara.nic.in/ ରେ ଅପଲୋଡ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡ଼ା ପୌରପରିଷଦ

ଜ୍ଞାପକ ସଂଖ୍ୟା ୩୩୩୩ ତା ୦୨/୦୨/୨୩
ଏହାର ଏକକିତା ନକଲ DIPRO ଙ୍କ ଦ୍ୱାରା (ଗୃହ ଓ ନଗର ଉନ୍ନୟନ ବିଭାଗ ମେମୋ ସଂଖ୍ୟା ୧୦୮୦ ତା ୨୦.୦୧.୨୧ ଅନୁଯାୟୀ) ସମାଜ ଓ ସକାଳ ରେ ତା ୦୩ / ୦୨ /୨୦୨୩ ରେ ଛାପିବାକୁ ପ୍ରେରଣ କରାଗଲା

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡ଼ା ପୌରପରିଷଦ

ସଂଲଗ୍ନ

# ଆବେଦନ ଫର୍ମ

| ସଂଖ୍ୟା | | ବିବରଣୀ |
|---|---|---|
| ୧ | ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାମ | |
| | ଠିକଣା | |
| | ୱାର୍ଡ ସଂଖ୍ୟା | |
| ୨ | ଗୋଷ୍ଠୀ ଗଠନ ତାରିଖ | |
| ୩ | ଗୋଷ୍ଠୀ ସଦସ୍ୟା ସଂଖ୍ୟା | |
| ୪ | ଶ୍ରେଣୀକରଣ (Gradation ) ହୋଇଛି ? (ହଁ/ନାହିଁ) | |
| ୫ | କେଉଁ ବ୍ୟାଙ୍କ ରେ ଆକାଉଣ୍ଟ ଖୋଲା ହୋଇଛି | |
| | ଆକାଉଣ୍ଟ ସଂଖ୍ୟା | |
| ୬ | RF/Seed ପାଇଛନ୍ତି ? (ହଁ/ନାହିଁ ) | |
| ୭ | ଗୋଷ୍ଠୀ ର ପୂର୍ବ କାର୍ଯ୍ୟକଳାପ | |
| ୮ | ଗୋଷ୍ଠୀ MCC/MRF ର ପରିଚାଳନା ନେବାକୁ ଇଚ୍ଛୁକ କି? (ହଁ/ନାହିଁ) | |
| ୯ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) | |
| ୧୦ | ସଭାପତିଙ୍କ ନାମ | |
| | ସଭାପତିଙ୍କ ଫୋନ ନମ୍ବର | |
| ୧୧ | ସେକ୍ରେଟେରୀଙ୍କ ନାମ | |
| | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୨ | ପ୍ରତି ମିଟିଂର ବିବରଣୀ ନିୟମିତ ଭାବରେ ଲେଖା ହୋଇଛି? (ହଁ/ନାହିଁ) | |
| ୧୩ | କେଉଁ ୱାର୍ଡ (ସ୍ଥାନ) ର MCC/MRF ପରିଚାଳନା କରିବାକୁ ଇଚ୍ଛୁକ ? | |

ସେକ୍ରେଟାରୀଙ୍କ ହସ୍ତାକ୍ଷର
(ମୋହର ସହିତ)

ସଭାପତିଙ୍କ ହସ୍ତାକ୍ଷର
(ମୋହର ସହିତ)